# ଜାତୀୟ ଆଲୋଚନାଚକ୍ର ଓ ପ୍ରବନ୍ଧ ପାଠ ଉତ୍ସବ



କୋରାପୁଟ, ୨୯ ।୧୦ (ନି.ପ୍ର): ଏକବିଂଶ ଶତାବ୍ଦୀ ର ଓଡ଼ିଆ ଭାଷା ଓ ଶୈଳୀ ଉପରେ ଏକ ଦିବସୀୟ ଜାତୀୟ ଆଲୋଚନା ଚକ୍ର ଓ ପ୍ରବନ୍ଧ ପାଠ ଉତ୍ସବ ସ୍ଥାନୀୟ ସରକାରୀ ମହାବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଯାଇଛି । ଓଡିଶା ସାହିତ୍ୟ ଏକାଡେମୀ ଓ ସ୍ନାତକୋତ୍ତର ଓଡ଼ିଆ ବିଭାଗର ମିଳିତ ଆନୁକୂଲ୍ୟରେ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ଗୋପାଳ ହାଲଦାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ର ଅଧ୍ୟକ୍ଷ ଦୀପକ କୁମାର ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ । ସାହିତ୍ୟ ଏକାଡେମୀର ଓଡ଼ିଆ ଉପଦେଷ୍ଟା ମଣ୍ଡଳୀ ସଭ୍ୟା ଡଃ ପ୍ରତିଧାରା ସାମଲ ଭିତ୍ତି ପ୍ରବନ୍ଧ ପାଠ କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ଡଃ ମନୋରଞ୍ଜନ ନାୟକ , ଓଡ଼ିଆ ବିଭାଗ ମୁଖ୍ୟ ଲୋପାମୁଦ୍ରା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ । ଓଡ଼ିଆ ଅଧ୍ୟାପିକା ସୁଜାତା ଷଡଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରଥମ ଅଧିବେଶନରେ ପ୍ରଫେସର ବାବାଜୀଚରଣ ପଟ୍ଟନାୟକ ସଭା ମୁଖ୍ୟ ଭାବେ ଉପସ୍ଥିତ ଥିଲେ । ଏଥିରେ କବି ଚକ୍ରପାଣି ପରିଚ୍ଛା, ଗଣେଶ ପ୍ରସାଦ ସାହୁ ଏବଂ ସଞ୍ଚିତା ମିଶ୍ର ପ୍ରବନ୍ଧ ପାଠ କରିଥିଲେ । ସେହିଭଳି ଦ୍ୱିତୀୟ ଅଧିବେଶନରେ ଆଲୋକ କୁମାର ବରାଳ ସଭାମୁଖ୍ୟ ଭାବେ ଯୋଗଦେଇଥିବା ବେଳେ ବିଶିଷ୍ଟ ଅନୁବାଦକ ବିଜୟ ପ୍ରଧାନ କମଳା କାନ୍ତ ତ୍ରିପାଠୀ, କବି ଅଧ୍ୟାପକ ରବି ଶତପଥୀ ପ୍ରମୁଖ ପ୍ରବନ୍ଧ ପାଠ କରିଥିଲେ । ଏଥିରେ ଡଃ ଜଗବନ୍ଧୁ ସାମଲ , ମଧୁସୂଦନ ସ୍ୱାଇଁ , ସତ୍ୟସାହିତ୍ୟ ସଂସଦର ସଭାପତି ଜଳଧର ସ୍ୱାଇଁ ଏବଂ ଡଃ ବିଜୟ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ରେ ପ୍ରଶାନ୍ତ ସାନ୍ତରା ଓ ସୁଜାତା ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ ।